# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 October - 2024

### News Editor : Tapan Kumar Moharana

*************************************

## ମୁଖ୍ୟ ସମ୍ବାଦ

- ସାଇବର ଠକେଇ ସମ୍ପର୍କରେ ସଚେତନ ହେବାକୁ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ

— ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି କହିଲେ, ସଫଳ ହୋଇଛି ଆତ୍ମନିର୍ଭର ଭାରତ ଅଭିଯାନ

- ଦିନିକିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଲେ ଲୋକସଭା ବାଚସ୍ପତି ଓମ୍ ବିର୍ଲା

- ସମଗ୍ର ଦେଶରେ ଆଜି ପାଳନ କରାଯାଉଛି ପଦାତିକ ବାହିନୀ ଦିବସ

ଏବଂ

- ଢେଙ୍କାନାଳରେ ଚାଲିଛି ଗଜଲକ୍ଷ୍ମୀ ଭସାଣ ସମାରୋହ

# ପିଏମ୍-ମନ୍ କି ବାତ୍

ସାଇବର ଠକେଇ ସମ୍ପର୍କରେ ସଚେତନ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରାମର୍ଶ ଦେଇଛନ୍ତି। ଠକେଇର ମୁକାବିଲା ପାଇଁ ସବୁ ତଦନ୍ତକାରୀ ସଂସ୍ଥା ରାଜ୍ୟ ସରକାରଙ୍କ ସହ ମିଶି କାର୍ଯ୍ୟ କରୁଛନ୍ତି । ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି । ସାଇବର ଠକେଇକୁ ପ୍ରତିହତ କରିବା ପାଇଁ ୩ଟି ବିଷୟ ଷ୍ଟପ୍, ଥିଙ୍କ୍, ଟେକ୍ ଆକ୍ସନ ଉପରେ ଧ୍ୟାନଦେବାକୁ ପରାମର୍ଶ ଦେଇଛନ୍ତି । ଅପେକ୍ଷାକର, ଚିନ୍ତାକର ଏବଂ ପଦକ୍ଷେପ ନିଅ, ଏହି ତିନୋଟି ବିଷୟ ସମସ୍ତଙ୍କୁ ସାଇବର ଠକେଇରୁ ସୁରକ୍ଷିତ ରଖିପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ନିଜର ବ୍ୟକ୍ତିଗତ ସୂଚନା କାହାକୁ ନଦେବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆବଶ୍ୟକ ପଡିଲେ ସ୍କ୍ରିନ୍‌ସଟ ନେଇ ବାର୍ତ୍ତାଳାପ ରେକର୍ଡ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଜାତୀୟ ସାଇବର ହେଲ୍‌ପ ଲାଇନ୍ ନମ୍ବର ୧୯୩୦କୁ ଡାଏଲ କରି ଏ ସମ୍ପର୍କରେ ସୂଚନା ଦେବ ସହ ଏଥିପାଇଁ ଉଦ୍ଦିଷ୍ଟ ୱେବ୍‌ସାଇଟ୍ **cybercrime.gov.in**ର ସାହାଯ୍ୟ ନିଆଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସରକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଏକ ଜାତୀୟ ସାଇବର ସମନ୍ୱୟ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ।

ସାଇବର ଠକେଇ ବୃଦ୍ଧିକୁ ଦୃଷ୍ଟିରେ ରଖି ଲକ୍ଷାଧିକ ସିମ୍ କାର୍ଡ, ମୋବାଇଲ ଫୋନ୍ ଏବଂ ବ୍ୟାଙ୍କ ଆକାଉଣ୍ଟକୁ ଇତିମଧ୍ୟରେ ବନ୍ଦ କରାଯାଇ ସାରିଲାଣି । ଏ ନେଇ ସଚେତନତା ବୃଦ୍ଧି ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

ବିଶ୍ୱ ଆନିମେସନ ଦିବସ ଆସନ୍ତାକାଲି ପାଳନ କରାଯିବ। ଆନିମେସନ ଦୁନିଆରେ ଭାରତ ଏକ ନୂତନ ବିପ୍ଲବ ଆଣିବା ଦିଗରେ ଅଗ୍ରସର ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏ ଦିଗରେ ସମସ୍ତେ ସହଯୋଗ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଆତ୍ମନିର୍ଭର ଭାରତ ଅଭିଯାନ ସଫଳ ହୋଇଛି ଏବଂ ଏହା ଦେଶର ସାମୁହିକ ଚେତନାର ଏକ ଅଂଶ ପାଲଟିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବିଶ୍ୱର ସବୁଠାରୁ ବଡ ପ୍ରତିରକ୍ଷା ଉପକରଣ କ୍ରେତା ଥିବା ଭାରତ' ଏବେ ୮୫ଟି ଦେଶକୁ ରପ୍ତାନୀ କରୁଛି । ଚଳିତମାସରେ ଲଦାଖର ହାନ୍‌ଲେଠାରେ ଏସିଆର ସର୍ବବୃହତ୍ ଇମେଜିଙ୍ଗ ଟେଲିସ୍କୋପ ମାସ୍ ଉଦ୍‌ଘାଟିତ ହୋଇଛି । ଉଦ୍‌ଭାବନ ଏବଂ ଆତ୍ମନିର୍ଭର ଭାରତର ଉଦାହରଣ ସାମାଜିକ ଗଣମାଧ୍ୟମରେ ପ୍ରସାର କରିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି । 'ଭୋକାଲ ଫର ଲୋକାଲ' ମନ୍ତ୍ର ନେଇ ପାର୍ବଣ ଋତୁରେ କିଣାକିଣି କରିବା ପାଇଁ ପରାମର୍ଶ ଦେଇଛନ୍ତି ।

ମନ୍ କି ବାତ୍ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ସାହସ ଏବଂ ଦୁରଦୃଷ୍ଟି ଥିବା ଦୁଇ ମହାନାୟକ ସର୍ଦ୍ଦାର ପଟେଲ ଏବଂ ଭଗବାନ ବିର୍ସା ମୁଣ୍ଡାଙ୍କ ଉପରେ

ଆଲୋକପାତ କରିଥିଲେ । ଏହି ଦୁଇ ମହାନ୍ ଆତ୍ମା ଭିନ୍ନ ଭିନ୍ନ ଆହ୍ୱାନର ସମ୍ମୁଖୀନ ହୋଇଥିଲେ କିନ୍ତୁ ସେମାନଙ୍କର ଦୃଷ୍ଟିକୋଣ ସମାନ ଥିଲା, ତାହା ହେଉଛି 'ଦେଶର ଏକତା' । ସର୍ଦ୍ଦାର ପଟେଲ ଏବଂ ବିର୍ସା ମୁଣ୍ଡାଙ୍କ ବିଷୟରେ ନିଜର ଚିନ୍ତାଧାରାକୁ ବାଣ୍ଟିବାକୁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଦକ୍ଷିଣ ଆଫ୍ରିକାରେ ଲୋକପ୍ରିୟ ହେବାରେ ଲାଗିଛି ।

ଫିଟ୍ ଇଣ୍ଡିଆ ପ୍ରସଙ୍ଗରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଫିଟ୍‌ନେସକୁ ନେଇ ଦେଶବାସୀ ସଚେତନ ହେଉଥିବାରୁ ସନ୍ତୋଷବ୍ୟକ୍ତ କରିଛନ୍ତି ।

ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଆସନ୍ତା ୩୧ ତାରିଖରେ ଦିପାବଳୀ ପଡୁଥିବାରୁ ୨୯ ତାରିଖରେ 'ରନ୍ ଫର ୟୁନିଟି୍' ଅନୁଷ୍ଠିତ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏଥିରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦେବାକୁ ସେ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି,

# - V/O -

ଧନତେରାସ୍, ଦୀପାବଳୀ, ଛଟ୍‌ପୂଜା ଏବଂ ଗୁରୁ ନାନକ ଜୟନ୍ତୀ ପାଇଁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ସିଧା ପ୍ରସାରଣ

ଶୁଣିଛନ୍ତି। ସାଇବର ସୁରକ୍ଷା କ୍ଷେତ୍ରରେ ସମସ୍ତେ ସଚେତନ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

## ଓମ୍ ବିର୍ଲା ଓଡ଼ିଶା ଗସ୍ତ

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଦିନିକିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବାଚସ୍ପତି ରାଜଭବନରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡାଙ୍କୁ ସାକ୍ଷାତ କରିଛନ୍ତି। ଶ୍ରୀ ବିର୍ଲା ଆଜି ଏକ ଘରୋଇ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କ ସହ ଆଲୋଚନା କରିବେ। ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ପଦାତିକ ବାହିନୀ ଦିବସ

ଭାରତୀୟ ସେନାର ସବୁଠାରୁ ବଡ ଯୁଦ୍ଧ ଶାଖା ଇନ୍‌ଫାଣ୍ଟ୍ରିର ଅବଦାନକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ ଆଜି ଦେଶରେ ପଦାତିକ ବାହିନୀ ଦିବସ ପାଳନ କରାଯାଉଛି । ୧୯୪୭ ମସିହା ଆଜିର ଦିନରେ ଭାରତୀୟ ସେନାର ପଦାତିକ ଜବାନ ଶ୍ରୀନଗର ବିମାନ ବନ୍ଦରରେ ଅବତରଣ କରିଥିବା ପ୍ରଥମ ସୈନିକ ହୋଇଥିଲେ । ଫଳରେ ପାକିସ୍ତାନ ସମର୍ଥିତ ଆକ୍ରମଣ ପାଇଁ ପଛଘୁଞ୍ଚା ଦେବାକୁ ବାଧ୍ୟ ହୋଇଥିଲେ । ଏହି ଅବସରରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ ଜେନେରାଲ ଅନୀଲ ଚୌହ୍ୱାନ ଏବଂ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ନୂଆଦିଲ୍ଲୀସ୍ଥିତ ଜାତୀୟ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ଦିବସ ପାଳନ ଅବସରରେ ପଦାତିକ ବାହିନୀକୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେକୌଣସି ଆହ୍ୱାନର ମୁକାବିଲା କରିବାରେ ପଦାତିକ ବାହିନୀ ଜବାନଙ୍କ ସାହସ ଅତୁଳନୀୟ । ଦେଶର ସୁରକ୍ଷାରେ ସେମାନେ ସବୁବେଳେ ସମର୍ପିତ ହୋଇଥାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଦେଶ ସୁରକ୍ଷାରେ ପଦାତିକ ବାହିନୀ ଜବାନଙ୍କ ନିଷ୍ଠା ଏବଂ ସାହସର ଉଚ୍ଚ ପ୍ରଶଂସା କରିଛନ୍ତି ।

## ଜଳସ୍ତର ବୃଦ୍ଧି

ବାତ୍ୟା 'ଦାନା' ପ୍ରଭାବରେ ଉତ୍ତର ଓଡ଼ିଶାର କେତେକ ଜିଲ୍ଲାରେ ବନ୍ୟା ପରିସ୍ଥିତି ଦେଖାଦେଇଛି । ଭଦ୍ରକ, କେନ୍ଦ୍ରାପଡା, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି । **ଭଦ୍ରକ** ଜିଲ୍ଲା ବୈତରଣୀ ନଦୀ ଆଖୁଆପଦା ନିକଟରେ ବନ୍ୟାଜଳ ଧୀରେ ଧୀରେ ବୃଦ୍ଧି ପାଉଛି । ଦିନ ୧୨ଟା ସୁଦ୍ଧା ଜଳସ୍ତର ୧୭.୪/୦ ମିଟର ରହିଥିବାବେଳେ ଏହାର ବିପଦ ସଂକେତ ୧୭.୮/୩ ମିଟର ରହିଛି । ବୈତରଣୀ ନଦୀର ଶାଖାନଦୀ ରେବ, କପାଳି, ଗେଙ୍ଗୁଟି ଏବଂ ସାଳନ୍ଦୀ ନଦୀରେ ବନ୍ୟା ଆସିବା ଯୋଗୁଁ ଜିଲ୍ଲାର ୭ଟି ବ୍ଲକ ଚାନ୍ଦବାଲି, ବାସୁଦେବପୁର, ତିହିଡି, ଭଣ୍ଡାରିପୋଖରୀ, ବନ୍ତ, ଧାମନଗର ଏବଂ ଭଦ୍ରକର ବିଭିନ୍ନ ପଞ୍ଚାୟତରେ ଲୋକମାନେ ଜଳବନ୍ଦୀରେ ଥିବାବେଳେ ହଜାର ହଜାର ହେକ୍ଟର ଚାଷ ଜମି

ପାଣିରେ ବୁଡି ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ଅଭିମନ୍ୟୁ ସେଠୀ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ବନ୍ୟାରେ ପ୍ରଭାବିତ ବିଭିନ୍ନ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଶିମିଳିପାଳରେ ଅଧିକ ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ପାଇ ମୟୂରଭଞ୍ଜରେ ଗୋଟିଏ ଗାଁ ପ୍ରଭାବିତ ହୋଇଛି। ସେହିପରି କାଂଶବାଂଶ ନଦୀରେ ଜଳସ୍ତର ବୃଦ୍ଧି ପାଇ ବାଲେଶ୍ୱରର ପଞ୍ଚଲିଙ୍ଗେଶ୍ୱର, ଔପଦା, ଖଇରା, ନୀଳଗିରି ଅଞ୍ଚଳ ଜଳମଗ୍ନ ହୋଇଛି।

## ହାତୀ ଉପଦ୍ରବ

**ନୟାଗଡ଼** ଜିଲ୍ଲା  ରଣପୁର ରେଞ୍ଜରେ ହାତୀ ଉପଦ୍ରବ ଯୋଗୁଁ ଧାନ ଫସଲ ନଷ୍ଟ ହୋଇଛି। ଗତ ୨-୩ ଦିନ ଧରି ୧୨ ଟିକିଆ ହାତୀପଲ୍ଲ ବାଣୀକିଲୋ ପଞ୍ଚାୟତର ସାନପଥୁରିଆ, ବଡ଼ପଥୁରିଆ ଓ ଗୁଣ୍ଡୁରୀବାଡ଼ି ଗାଁର ନିକଟସ୍ଥ ଜଙ୍ଗଲରେ ରହିଥିବା ଯୋଗୁଁ ସେମାନଙ୍କୁ ଘଉଡାଇବା ପାଇଁ ରଣପୁର ବନବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

## ଲକ୍ଷ୍ମୀପୂଜା ଭସାଣି

**ଢେଙ୍କାନାଳ**ର ଗଜଲକ୍ଷ୍ମୀ ପୂଜା ଭସାଣି ଉତ୍ସବ ଆଜି ଆରମ୍ଭ ହୋଇଛି। ୩୮ଟି ପୂଜା ମଣ୍ଡପ ମଧ୍ୟରୁ ୨୫ଟି ପୂଜା ମଣ୍ଡପ ବିସର୍ଜନରେ ଭାଗ ନେଇଛନ୍ତି। ପ୍ରଶାସନ ପକ୍ଷରୁ ମେଢ଼ଗୁଡ଼ିକ କାଠଶଂଖଠାରେ ରାତି ୧୨ଟା ସୁଦ୍ଧା ବିସର୍ଜନ ପାଇଁ ସମୟ ସ୍ଥିର କରାଯାଇଛି। ଢେଙ୍କାନାଳରେ ଗତ ୧୬ ତାରିଖରେ  ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଥିଲା।

## +୨ ନାମଲେଖା

ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଖାଲି ଥିବା ଯୁକ୍ତ ଦୁଇ ଆସନରେ ନାମ ଲେଖାଇବାପାଇଁ ଆଜି ଆବେଦନ ପ୍ରକ୍ରିୟା ଶେଷ ହେଉଛି। ନଭେମ୍ବର ପହିଲାରେ ଚୟନ ତାଲିକା ପ୍ରକାଶ ପାଇବ । ଛାତ୍ରଛାତ୍ରୀମାନେ ନଭେମ୍ବର ୨ରୁ ୫ ତାରିଖ ମଧ୍ୟରେ ନାମ ଲେଖାଇପାରିବେ । ତୃତୀୟ ତଥା ଶେଷ ପର୍ଯ୍ୟାୟରେ ନାମଲେଖାପାଇଁ ଗତ ୨୨ ତାରିଖରୁ ଆବେଦନ ଆରମ୍ଭ ହୋଇଛି ।

**********************************